
# ପିଲାଙ୍କ କଥା
# (ବଂଜାରା)
## ପ୍ରଥମ ଭାଗ



# ପିଲାଙ୍କ କଥା (ବଂଜାରା)

## ପ୍ରଥମ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ**
**ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**ବଂଜାରା ସଂସାଧକ ମଣ୍ଡଳୀ**
**କ୍ଷୀରସାଗର ନାଏକ**
**ହୀରାଲାଲ ବଞ୍ଜାରା**
**କାର୍ତ୍ତିକରାମ ନାଏକ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ପ୍ରିୟରଞ୍ଜନ ବରାଳ**



ପ୍ରକାଶକ
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Banjara Resource Group**
**Kheersagar Naik**
**Hiralal Banjara**
**Kartikram Naik**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୁର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ବଂଜାରା ଭାଷାର ପ୍ରଥମ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# କୁକଡିଆ ଅନ ସାଲିଆରୋ ସାକି (କୁକୁଡ଼ା ଏବଂ ବିଲୁଆ କଥା)

କୁକଡିଆ ଝାଡ୍ରେ ଉପର ବେଠ ଥାଣୀ ଗିତ ଗାରେଛ କକରେ .. କ କକରେ .. କ । ଜନ ଏକଠିଆ ସାଲିଆ ଉଜଓ୍ୱାଟେ ହେନ ଯାରେର  କୁକଡିଆ ବାଙ୍ଗେରୋ ଯସୋ ଓର କାନେମ ସାମଳ ଲିଦୋ । ସିଧା ଓତେସି ଝାଡ୍ରେ କନ ଆଗୋ । ଅନ ଦେଖଛ ଟିକଣୋ ଚଟ କୁକଡିଆନେ ଦେଖ ଥାଣୀ ମୁଣ୍ଡେ ମହିସୀ ଲାଲ ନି କଲେ ଲାଗ । କୁକନ କର ଖୋଡା ଚଲାକେ ହେ ଥାଣୀ ମାର ଥାଣୀ ଖାହି କର ଥାଣୀ ବେଠ ଥାଣୀ ଚିନ୍ତା କରେ ଲାଗ୍ । ଓରହ ସାଲିଆ ଅଘାଣି ବେଠେରୋ ଦେଖ ଥାଣୀ ଚମକ ଜାରେଛ । କୁକଡିଆ ଅଜି କତେସି ବାଙ୍ଗଛ ଉଡୋ ଡରେ ମାରି ଥର ଥରେଇ ଯାରେଛ ।



କୁକୁଡ଼ା ଗଛ ଉପରେ ବସି ଗୀତ ଗାଉଛି "କକରେ୍ କ କକରେ୍ କ" । ସେତେବେଳେ ଗୋଟିଏ ବିଲୁଆ ସେହି ବାଟରେ ଯାଉଥିଲା । ବିଲୁଆ କୁକୁଡ଼ା ରାବିବାର କାନରେ ଶୁଣିଲା । ସେଠାରୁ ସେ ଗଛ ପାଖକୁ ଆସିଗଲା । ସୁନ୍ଦର କୁକୁଡ଼ାଟିକୁ ଦେଖି ବିଲୁଆ ପାଟିରୁ ଲାଳ ବୋହିଲା । କିପରି ତାକୁ ଚାଲାକି କରି ମାରି ଖାଇବାକୁ ହେବ ବସି ଚିନ୍ତା କଲା । ଏପଟେ ବିଲୁଆର ବସିବାର ଦେଖି କୁକୁଡ଼ା ଡରିଗଲା । କୁକୁଡ଼ା ଆଉ ରାବିବ କ'ଣ । ସେ ତ ଡରରେ ଥର ଥର ହେଉଥିଲା ।

**ଜନା ସାଥେ ସାଥ୍ ସାଲିଆର୍ ମାଥେମ ଏକଠିଆ ବୁଦ୍ଧି ଆଓ । ଉ କେରେଛ ଯୋଏ କୁକଡିଆ ଭାଇ ସାମଲ ତୋ ମାର ୱ୍ୱାତେନ ମନ ତୁ ଚମକରେ ଛି କାଇଁ । ଯୋ ଜାଣିରେଛି କଇ ଜନୱ୍ୱାର ଯୋକ ଆଜ ଡିଣ୍ଡୋରା ପିଟ ମେଲେଛ ଯୋ ଆଜେସି କୋଇ କେନି ମାର ଥାଣୀ ଶିକାର ନ କରିହ କେଥାଣୀ କେ ମେଲେଛେ ସବ ଜିୟୁଜନ୍ତୁ ହନ ମିଲ୍ ମିସ୍ ଥାଣୀ ରିହ । ଅନ ଯୋକୋ ଶିକାର କରିହ ଓନ କଠୋର ଡଣ୍ଡ ଦିହାଯାହା ।ଓହୋ ଜନ ଇ ୱ୍ୱାତ ଛ ଜନ ତୋ ଅଛା ୱ୍ୱାତ ଛ । ଜନା ଖୁସ ହେଥାଣୀ କୁକଡିଆ କେରେଛ । ଜନ ଏକ କନି ରେ ଥାଣୀ କେରେଛ, ସହି ୱ୍ୱାତଛ ।**




ସେହି ସମୟରେ ହଠାତ୍ ବିଲୁଆ ମୁଣ୍ଡକୁ ଏକ ବୁଦ୍ଧି ପଶିଲା । ସେ କୁକୁଡ଼ାକୁ କହିଲା, ହେ କୁକୁଡ଼ା ଭାଇ ତୁ ମୋତେ ଡରି ଯାଉଛୁ କି ? ତୁ ଜାଣିଛୁ କି, ସିଂହ ବୁଲି ବୁଲି ଡିମ୍ ଡିମି ପିଟି କହିଛନ୍ତି ଯେ, ଆଜିଠାରୁ କେହି କାହାକୁ ଶିକାର କରିବେ ନାହିଁ । ସମସ୍ତେ ମିଳିମିଶି ରହିବେ । ତା’ ପରେ ଯିଏ ଶିକାର କରିବ ତାକୁ କଠୋର ଦଣ୍ଡ ଦିଆଯିବ । ଓହୋ ! ତେବେ ଏ କଥା ଅଛି ତ ଭଲ କଥା । ତେବେ ଖୁସି ହୋଇ କୁକୁଡ଼ା ଟିକିଏ ଅଟକି କହିଲା । ସେଥିପାଇଁ ମୁଁ ସକାଳୁ ସକାଳୁ ବୁଲି ବୁଲି ଖୁସିରେ ସବୁ ଜୀବଜନ୍ତୁମାନଙ୍କୁ କହି ଦେଇଛି ।

**ଓର କାଣ ତୋ ମ ଖୁସି ହେ ଥାଣୀ ଚାରି କୋସା ହିଣ୍ଡ ହିଣ୍ଡ ଥାଣୀ ଡୁଙ୍ଗର ଭର ପର ଭାତି ସି ସପା ଜିଉ ଜନ୍ତୁ ହେନେନ କେତୋ ଯାରେଛୁ । ଖବର ତୋ ଓତା ଦିନୋ ଆବ ତେ ଜାଣ ଗୋ ଆବ ହେଟ ଉତର । ସାତେ ମରମିହାଁ । ମନଭର ଗିତ ଗାହାଁ । ସାଲିଆରୋ ତୋ ଲନ୍ଦ ଫନ୍ଦ ଅଛା କରନ କୁକଡିଆ ଜାଣଛ । ଜନା କୁକଡିଆ ସାଲିଆ ନ ଅଛା ସବକ ଦେ ଯୁଗୁର ଚିନ୍ତା କିଦୋ ଜନ୍ କୁକଡିଆ ସାଲିଆନ କେରେଛ । ଯୋ ଆପେଣେରୋ ରମେରୋ ତୋ କୋନ ଜମ । ଏକ କନି ହୁବ୍‌ର ମ ମାରୋ ସାଥି ଯୋହରିଆ ହେନେନ ବଲଉଛୁ । ଓହନ ଆଏଲେ ଏକଜ ସାତ ହେ ଥାଣୀ ରମିହା । ଖୁବ୍ ଅଛା ଲାଗିହ ।**



ବିଲୁଆ କହିଲା ଖବର ତ କହିଦେଲ ଏବେ ତଳକୁ ଆସ ଏକା ସାଙ୍ଗରେ ରହିବା ମନ ଭରି ଗୀତ ଗାଇବା । ବିଲୁଆର ଚାଲାକିକୁ କୁକୁଡ଼ା ଭଲଭାବେ ଜାଣେ । ତେବେ ବିଲୁଆକୁ ଉଚିତ୍ ଶିକ୍ଷା ଦେବାପାଇଁ ଚିନ୍ତାକରି କୁକୁଡ଼ା କହିଲା, ତେବେ ଆମର ଏକାଠି ଖେଳିବାର ଜମିବ ନାହିଁ । ଟିକିଏ ଅପେକ୍ଷା କର, ମୁଁ ମୋର ସାଙ୍ଗସାଥୀମାନଙ୍କୁ ଡାକୁଛି ସେମାନେ ଆସିଲେ ଏକା ସାଙ୍ଗରେ ଖେଳିବା । ଖୁବ୍ ଭଲ ଲାଗିବ ।

**ଇ ଓ୍ୱାତେନ ସାମଲ ଥାଣୀ ଅଜି ଖୁସ ହେଗୋ ଏଅ ମନେ ମନେମ କେରେଛ ଯୋ ମନ ଖୁବ ବତର ଦିନେର କରେନ ଏକଜ ଉଣା ଖୁବ୍ ବଳା ବୋଟି ଖାଏନ ମଳିହ ନା କୁକଡିଆ ରୋ ସାଥି ହନ ରହେଲା କଡ଼ା ମୋଟା ଭୋଜି ଖାଏନ ମଲ୍‌ହିୟ ଓ୍ୱାତେନ ଭାବ ଥାଣୀ ସାଲିଆ କେରେଛ । ଏ କୁକଡ଼ିଆ ଭାଇ ସପା ହନୁ ହେଲେ ତାରୋ ସାଙ୍ଗ ସାଥି ହେନେନ ବଳା ଏକଜ ଜାଗ ହେ ଥାଣୀ ରମିହା । ଓତେସେ କୁକଡ଼ିଆ ବଳା ରେଛ କ .. କ୍‌କରେ .. କ ତାହାଲେ କୁକଡିଆ ର ଓ୍ୱାତେନ ସାମଲ ଥାଣୀ ଓର ଦି ଝଣାସାଥି ହନ ଗଦ ବଦ ଦଉଡତେ ଓର କହ୍ନ କାଳିଆ ବଳିଆ ଆଗେ କୁକଡିଆ ରୋ**



ଏକଥା ଶୁଣି ବହୁତ ଖୁସି ହେଲା । ମନେ ମନେ କହିଲା ଯେ ମୋତେ ବହୁତ ଦିନରୁ ମିଳିଛି ଏକା ସାଙ୍ଗରେ ବହୁତ ମାଂସ ଖାଇବାକୁ ମିଳିବ । କୁକୁଡ଼ାର ସାଙ୍ଗମାନେ ରହିଲେ ମୋଟା ଭୋଜିଟିଏ ମିଳିବ ବୋଲି ବିଲୁଆ ଭାବିଲା । ହେ କୁକୁଡ଼ା ଭାଇ ଏପରି ହେଲେ ତୁମ ସମସ୍ତ ସାଙ୍ଗସାଥିମାନଙ୍କୁ ଡାକ ଏକା ଜାଗାରେ ଖେଳିବା । ସେଠାରୁ କୁକୁଡ଼ାର କକ୍‌ରେ.. କ କକ୍‌ରେ କଁ ଡାକରେ ତା'ର ଦୁଇ ଜଣ ସାଙ୍ଗ କାଳିଆ ଓ ବଳିଆ ଦଉଡ଼ି ଆସଲେ କୁକୁଡ଼ାର ସାଙ୍ଗ ମାଇ କୁକୁଡ଼ା ଥିବ ବୋଲି ଭାବିଲା । କିନ୍ତୁ ଶିକାରୀ କୁକୁର ଦୁଇଟାକୁ ଦେଖି ବିଲୁଆର ହୋସ୍ ଉଡ଼ିଗଲା ।

ଓର ସାଥ୍ ହନ କୁକୁଡି ହନ ହିଅ କେରେଛ ତୋ ଓତସି କାରି କୋତ୍ରା ହେନେନ ଦେଖ ଥାଣୀ ଓର୍ ହୋସ ଓଡ୍‌ଗି । ସାଲିଆ କେରେଛ ଏ ବାପରେ ଇ କଡ଼ା ମୋଟା ବିପଦ ଛ ବାଆ । ଏ ଦିଝଣା ସାଥ୍ ଛକେ ଯମ ଛ ବାଫୁ । ଆତ ରେହେଲେ ମର ଯାଏର ଗତିଛ ବାଫୁ । ଅଜ ସାଲିଆ ଓର୍ ପୁଛଡି ନ ଚପକ ଥାଣୀ ଜାଟତୋତାଟୋ । ଓତେସି କୁକଡିଆ ବଲାଏ ଲାଗ ଯେ ଆରେ ଆରେ ସାଲିଆ ସାଲିଆ ଭାଇ କାଏଁ ଯୁଗୁର ଢ଼ାଟି ଜାରେଛି । ଏକଜ ଜଗା ହେଥାଣୀ କୋନ ରମିହା କାଇଁ ତୁ କା ଯୁଗୁର ମାର୍ ସାଥ୍ ହେନେନ ଦେଖ ଥାଣୀ କା ଯୁଗୁର ଡର ଜାରେଛି । ଏକ କନି ହୁବ ରନି ସାଲିଆର ଅକଲ ଗୁଡୁମ । କୁକଡ଼ିଆ ଓ୍ୱାତେନ କୋନ ସାମଲ ଥାଣୀ ଜୀଏ ଡରେମ ଖିଲ ଖିଲାଥ୍ ଢ଼ାଟା ଢ଼ାଟୋ ।



ହେ ବାପା ! ଏ ତ କେତେବଡ଼ ବିପଦ । ଏ ଦୁଇ ଜଣ ସାଙ୍ଗ ଅଟନ୍ତି କି ଯମ ଅଟନ୍ତି । ବାପାରେ ଏଠାରେ ରହିଲେ ମରିଯିବା । ସେଠାରୁ ବିଲୁଆ ଲାଞ୍ଜ ଲୁଚାଇ ପଳାଇଲା । କୁକୁଡ଼ା ସେଠାରୁ ବିଲୁଆକୁ ଡାକିଲା ହେ ବିଲୁଆ ଭାଇ ତୁ କାହିଁକି ପଳାଇଯାଉଛୁ । ଗୋଟିଏ ଜାଗାରେ ରହି ଖେଳିବା ନାହିଁ କି ? ତୁ ମୋର ସାଙ୍ଗମାନଙ୍କୁ ଦେଖି ଡରି ଯାଇଛୁ । ଟିକିଏ ଠିଆ ହେବା ପାଇଁ କହିବାରୁ ବିଲୁଆର ଅକଲ ଗୁଡୁମ୍ । କୁକୁଡ଼ାର କଥା ଶୁଣି ଜୀବନ ବିକଳରେ ପଳାଇଲା ।


# କର୍ମେରୋ ଫଳ ଭୋଗ କରେ ନ ପଡ଼ିହ (କର୍ମର ଫଳ ଭୋଗ କରିବାକୁ ପଡ଼ିବ)

**ଏକ ଦନ ଏକ ଦୋଖରି ଅନ ଓର ବେଟା କର ନ ଫଳ ମୂଳ ତୁଣ୍ଡୋତେ ତୁଣ୍ଡୋତେ ଏକ ଠିଆ ସାପ ଆଥାଣୀ ଓର ବେଟାନ ଚାବ ଦିନ ଜଣରେ ବେଟା ଜମିନେ ପର ସୋଗୋ ଜଣା ଓରୟାଡି ଏନ ଦେଖ ଥାଣୀ ଜୋରଦାର ରୋରିଛ । ଏକ ଝଣା ସିଆନ ଆଦିମ ଉ ଝାଡି ହେଥାଣୀ ଯାରେ ର ଜନଏକ ଝଣି ମଇଲୋଗଣେ ରୋ ରୋଏର ଦେଖି ଥାଣି କହ୍ନେସୀ ଗୋ । ଜନ ଉ ମାଇଲୋଗଣେ ନ ପୁଛୋ । ୟ କାଇ ହେଗି ରୋରିଛ ? ଜନ ଉ ସିୟାନେ ରୋ ୱାତେନସାମଲ ଥାଣୀ ଅଜି ଖୁବ ରୋଏ ଲାଗି । ଜନ ଅଜି ରୋତି ରୋତି କେରିଛ, ମାରୋ ଏକଚ ଠିଆ ପାଞ୍ଚ ସାଲେରୋ ବେଟା ସାପ**




ଦିନେ ଜଣେ ବୁଢ଼ୀ ଓ ତା'ର ପୁଅ ଜଙ୍ଗଲରେ ଫଳମୂଳ ଖୋଜୁ ଥିବା ସମୟରେ ଏକ ସାପ ଆସି ତା' ପୁଅକୁ କାମୁଡ଼ି ଦେଲା । ପୁଅଟା ଭୂଇଁ ଉପରେ ଶୋଇ ପଡ଼ିଲା । ଏହା ଦେଖି ତା'ର ମାଆ ବହୁତ ଜୋର୍‌ରେ କାନ୍ଦିବାକୁ ଲାଗିଲା । ସେହି ସମୟରେ ଜଣେ ଭଦ୍ରବ୍ୟକ୍ତି ସେହି ବାଟ ଦେଇ ଜଙ୍ଗଲକୁ ଯାଉଥିଲେ । ମହିଳା ଜଣଙ୍କର କାନ୍ଦ ଶୁଣି ପାଖକୁ ଆସିଲେ ଓ ମହିଳା ଜଣକୁ ପଚାରିଲେ, କାହିଁକି କାନ୍ଦୁଛ ? ଭଦ୍ରବ୍ୟକ୍ତିଙ୍କର କଥା ଶୁଣି ମହିଳା ଜଣକ ଆହୁରି ଅଧିକ କାନ୍ଦିବାକୁ ଲାଗିଲା । କାନ୍ଦି କାନ୍ଦି କହିଲା ଯେ,

**ଚାବ ଦିନେଛେ ଜନ ସୁତେ ହେରେଛ, ଜନ ଉ ଭଗୱାନ ଆଦମି ରୋ ଗୋଣିଆର ବଲେ ମ ସପେନ ବଲା ଥାଣୀ କେରେଛ ଯେ ଇ ବାବୁ ନ ଚାବ ମେଲେ ଛି କର ଥାଣୀ ମରେରୋ ମୁଣ୍ଡେ ମ ଝାଳ ମେଲେଛି କରନ ମ ତୋନ ଆବ ଦୋକ ଦିହି । ସାପ କେରେଛ ଦେଖ ଭଗୱାନ ମାରୋ ଏମ କୋଇ ଦୋସ ଏକ କନି ଛି ଚା । ଯମ ରାଜ ମନ ଆଦେଶ ଦେ ମେଲେଛ କର ଥାଣୀ ମଏନ ଚାବ ମେଲେଛୁ । ଜନ ଉ ଭଗୱାନ ସାଥେ ସାଥ ଯମ ରାଜା ନ ବାଲାଏର ସାପେନ କା ଯୁଗୁର ଓନ କେ ଛି କରନ କୋ ଜନ ଯମ ରାଜା କେଲାଗ । ହେ ଭଗୱାନ ମାରୋ ଏମ କାଇ ଦୋସ ଛି ଚା । ମନ କାଲ ମନ ଆଦେଶ ଦିନେଛ କରନ କେରେଛୁ,**



ମୋର ଜଣେ ମାତ୍ର ୫ ବର୍ଷର ପୁଅକୁ ସାପ କାମୁଡ଼ି ଦେଇଛି ତେଣୁ ସେ ଶୋଇଛି । ଭଗବାନ ଭଦ୍ରବ୍ୟକ୍ତିର ସପନରେ ଆସି ସାପକୁ କହୁଛନ୍ତି ତୁ କାହିଁକି ଏ ପିଲାଟିକୁ କାମୁଡ଼ିଛୁ । ତେଣୁ ତୋତେ ଦୁଃଖ ଦେବି । ସାପ କହୁଛି ହେ ଭଗବାନ୍, ଏଥିରେ ମୋର ଟିକିଏ ମାତ୍ର ଦୋଷ ନାହିଁ । ଯମରାଜାଙ୍କର ଆଦେଶକୁ ମାନି ମୁଁ ତାକୁ କାମୁଡ଼ିଛି । ତେବେ ଭଗବାନ ଯମରାଜାଙ୍କୁ ସାଙ୍ଗେ ସାଙ୍ଗେ ଡାକି କହିଲେ ଏ ପିଲାଟିକୁ କାହିଁକି ସାପ କାମୁଡ଼ିଲା । ଯମରାଜା କହିଲେ ହେ ଭଗବାନ ମୋର ଏଥିରେ କୌଣସି ଦୋଷ ନାହିଁ ।

**ଛାରା ରୋ ଉମର ଖୁଟ ଗୋ ମରଣି ହରଣି କର ଦୋ । ମ ଓର କାଣ ସାପେନ କେରେଛୁ ଭଗୱାନେ ରୋ ଆଦେଶ ମ ଯମ ରାଜା ଆଏଛ । ଭଗାୱାନ ପୁଛରେଛ ତୁ କାଏଁ ଯୁଗୁର ଅସୋ ଆଦେଶ ଦିନେଛି ? ଯମ ରାଜା କୋ ହେ ଭଗୱାନ । ମ ଏରୋ ବାବ ଦେମ କୋନ ଜାଣୁ । ମାରୋ କାମ ଖାଲି ଜିଉ ହେନେରୋ ତକଦିରେ ରେ ଫଳ ଦେଖେରୋ ଉର କାଣ ମାର ନାମ ବିଧାତା । ଇ ଛାରା ରୋ ଅଙ୍ଗାଡି ରୋ ତକଦିର ରୋ ଫଳେ ଯୁଗୁର ଭଗୱାନ ଏକ ଖାଲି ନଜରେ ମ ଚୁପ ଚାପ ଦେଖ ତୋ ରେ ଗୋ ବିଇନ ବେଟାରୋ ୟେନ ହେଲେ କାଇବି କରେ କୋନ ସକୋ ।**



ମୋତେ କାଳ ଆଦେଶ ଦେଇଛନ୍ତି, ଏହି ପିଲାର ଆୟୁସ ସରିଗଲାଣି ଏହାକୁ ମାରିଦିଅ । ଭଗବାନ ପଚାରୁଛନ୍ତି ତୁମେ କାହିଁ ପାଇଁ ଏପରି ଆଦେଶ ଦେଇଛ ? ଯମରାଜା କହିଲେ ହେ ଭଗବାନ ମୁଁ ଏ ବିଷୟରେ କିଛି ଜାଣି ନାହିଁ । ମୋର କାମ ହେଉଛି ଖାଲି ଜୀବ ମାନଙ୍କର କର୍ମର ଫଳ ଦେଖିବା । ସେଥିପାଇଁ ମୋର ନାମ ବିଧାତା । ଏହି ପିଲାର ପୂର୍ବ ଜନ୍ମର ଫଳ ଅଟେ । ଭଗବାନ କେବଳ ଖାଲି ଚୁପ୍‌ଚାପ୍ ଦେଖି ରହିଗଲେ । ଏହି ପିଲାଟି ଭଲ ହେଲେ ମଧ୍ୟ କିଛି କରିପାରିଲେ ନାହିଁ ।

# ଯୋକୋ ପରେରୋ ଖରାପ ଭାବଛ
# (ଯେହୁ ଚିନ୍ତଇ ପର ମନ୍ଦ)

**ହମାର ଘରେ ରୋ ଲାହାରେ କୋସ ଖୁବ୍ ମାଟୋ ଝାଡି ଛ । ଓ ତ ଅଦିମ ଯାଏ ଯୁଗୁର ଡରୁ କରଛ । ଓତ କିଡ଼ି ସି ଲେ ଥାଣୀ ଜନୱାର ତକ ସାରି ଜିବଜନ୍ତୁ ରଛ, ଓତ ଚୁରେଇ ହନ ବି ରଛ । ଝାଡିରୋ ରାଜା ତୋ ଜନୱାର । ଉ ସବ ଜାତେ ରେ ଜିଉ ହେ ନେନ ମର ଥାଣୀ ଖାୱ ଛ ଉ ଝାଡିମ ସାଲିଆ ବି ରେତେର ଏକ ଦନ ସାଲିଆ ରେ ମନ ହି ଯେ ଜନୱାରେ ରୋବୋଟି ଖାଏ ଯୁଗୁର ମନ ଲାଗି । ଜନୱାର ତୋ ଦୁସ ରୋ ତୋ ଜିଉ ହେନେନ ବୋଟି ଖାଏ ଯୁଗୁର ଅଛା ଲାଗଛ ଯେ ଜନୱାର ରେ ରୋ ବୋଟି କତରା ଅଛା କୋନ ଲାଗତି ହି ଏ ଯୋ ସାଲିଆ ଜନୱାରେ ରୋ ବୋଟି କୁକନ ଖାହ ? କାଇ ବି ସମ ଝେ କୋନ ସକେ ?**




ଆମ ଘର ପଛ ପଟେ ବହୁତ ବଡ଼ ଜଙ୍ଗଲ ଅଛି । ସେଠାକୁ ଲୋକମାନେ ଯିବାପାଇଁ ଡରନ୍ତି । ସେଠାରୁ ପିମ୍ପୁଡିଠାରୁ ଆରମ୍ଭ କରି ବାଘ ପର୍ଯ୍ୟନ୍ତ ସମସ୍ତ ଜୀବଜନ୍ତୁ ରହନ୍ତି । ସେଠାରେ ବଣ ଚଢ଼େଇମାନେ ମଧ୍ୟ ରହନ୍ତି । ଜଙ୍ଗଲର ରାଜା ତ ବାଘ । ସେ ସବୁ ଜାତିର ଜୀବମାନଙ୍କୁ ମାରି ଖାଇଥାଏ । ସେହି ଜଙ୍ଗଲରେ ବିଲୁଆଟିଏ ରହୁଥିଲା । ଦିନେ ବିଲୁଆର ମନ ହେଲା କି, ସେ ବାଘର ମାଂସ ଖାଇବା ପାଇଁ ଇଚ୍ଛା କରୁଛି । ବାଘକୁ ତ ଅନ୍ୟ ଜୀବମାନଙ୍କର ମାଂସ ଖାଇବାକୁ ଭଲ ଲାଗେ, ହେଲେ ବାଘର ମାଂସ କେତେ ଭଲ ଲାଗୁ ନ ଥିବ ? ହେଲେ ବିଲୁଆ ବାଘର ମାଂସ କେମିତି ଖାଇବ ? ସେ କିଛି ବି ବୁଝି ପାରିଲା ନାହିଁ ।

**ଏକ ଦନ ସାଲିଆ ହିଣ୍ଡତୋ ହିଣ୍ଡତୋ ଦେଖ ନା ଖୋ ଅହିରାଜ ସାପ, ଯେ ଯିମ ଗେଛ ସାଲିଆ ପରହ ଓ ରୋ ଓ୍ୱାଟେନ ଚୁଟ ଦିନେ ଛ । ସାପ ଓରୋ ଫେଂଣେ ନ ତୋଲ ଥାଣୀ କେରେଛ "ମ ତୋନ ମାର ଦିହି" ସାଲିଆ କାଇ କରିଦି ହ କରନ ଜାଣେ କୋନ ସକୋ । ଜନ କୁକନ ଏକ ଠିଆସାଲିଆ ରୋ ମାଥେ ମା ବୁଦ୍ଧି ଆଗୋ ଜନ ସାଲିଆ କେରେଛ । ମ ତାର ଯୁଗୁର ଏକ ଠିଆ ଖବର ଲାଏ ରୁ ଏ ସବ କେରେଛ ଯୋ ତୁ ଇ ଝାଡି ରୋ ରାଜା ବଣିସ କରନ କେରେଛ ତୋମନ ତୋ ଦେଖେ ଜୁଗୁର ଖୁବ ମୋଟୋ, ବିସ ବି ଖୁବ ଟାନ । ତାର ଫେଂଣେମତୋ ସବ ରଛ । ଓର କାଣ ତୋ ଇ ଝାଡ଼ି ରୋ ରାଜା ହେଲେ ଖୁବ ଅଛା ହିଅ ।**



ବିଲୁଆ ଦିନେ ବୁଲୁ ବୁଲୁ ଗୋଟିଏ ଅହିରାଜ ସର୍ପ ଦେଖିଲା, ହେଲେ ଯେଉଁଆଡ଼େ ସେ (ଅହିରାଜ) ଯାଉଛି, ବିଲୁଆ ସେ ପଟ ତା'ର ରାସ୍ତାକୁ ବନ୍ଦ କରି ଦେଉଛି, ସାପ ତା'ର ଫଣା ଟେକି କହିଲା, "ମୁଁ ତତେ ମାରିଦେବି" । ବିଲୁଆ କ'ଣ କରିବ ବୋଲି ଜାଣି ପାରିଲା ନାହିଁ । ହେଲେ କେମିତି ଗୋଟିଏ ବିଲୁଆର ମୁଣ୍ଡରେ ବୁଦ୍ଧି ଆସିଲା, ବିଲୁଆ କହୁଛି, ମୁଁ ତୁମ ପାଇଁ ଗୋଟିଏ ଖବର ଆଣିଥିଲି, ଏମାନେ ସମସ୍ତେ କହୁଛନ୍ତି କି ତୁମେ ଏହି ଜଙ୍ଗଲରେ ରାଜା ହେବ ବୋଲି । ତୁମେ ତ ଦେଖିବାକୁ ବହୁତ ବଡ଼, ବିଷ ବି ବହୁତ ଶକ୍ତ, ତୁମ ଫଣାରେ ତ ସବୁ ଥାଏ । ସେଥିପାଇଁ ତୁମେ ଏହି ଜଙ୍ଗଲର ରାଜା ହେଲେ  ବହୁତ ଭଲ ହେବ ।

**ରାଜା ହେ ଜୁଗୁର କୁଶ କୋନି କିହ । ଅହିରାଜ କେରେଛ ଠିକ ଛ । ସାଲିଆ କେରେଛ ଠିକ ଛ ଯୋ । ଇ ଝାଡିମ ଏକ ଠିଆ ଜନୱ୍ୱାର ଛ । ଯୋଉ କେରେଛ ମ ଇ ଝାଡିରୋ ରାଜା ଛୁ । ଜନ ତୁ ଓନ ମାର ଦିସ କେଲେ ତୁ ଓତେରୋ ରାଜା ହିସ । ଅହିରାଜ କେରେଛ କୁଣ ଛରେ ଉ ଦୁଷ୍ଟ ଜନୱ୍ୱାରେ ନ ମାର କନ୍ ଲାଓତୋ । ସାଲିଆ ଖୁବ ଖୁସ ହେଗୋଣୀ । ଆଛାହି ଓର ବୁଦ୍ଧି ତୋ ଅଛା କାମ କର ରିଛ । ଓର ପଛ ଜନ ୱ୍ୱା ରେ କନ ଯା ଥାଣୀ କେରେଛ ଯେ ମହାରାଜ ତୁ ଇ ଝାଡିରୋ ରାଜା ଛି । ତୁତୋ ଦେଖେ ଜୁଗୁର ଅଛାଛି । ଲାମୋ ଲାମୋ ଚିହ୍ନା ହନ ଛ ଓର ଆଖି ଦିଠି ଆଁ ବି ତେଜ ଛ ତିକୋ ତିକୋ ନୋକ ଛ,**



ରାଜା ହେବା ପାଇଁ କିଏ ନାଇଁ କରବ ? ଅହିରାଜ କହୁଛି, ଠିକ୍ ଅଛି । ବିଲୁଆ କହୁଛି ଠିକ୍ ଅଛି, ହେଲେ ଏହି ଜଙ୍ଗଲରେ ଏକ ବାଘ ଅଛି, ଯିଏ କହୁଛି ମୁଁ ଏହି ଜଙ୍ଗଲର ରାଜା ବୋଲି । ତେବେ ତୁମେ ତାକୁ ମାରିଦେଲେ, ତୁମେ ସେଠାକାର ରାଜା ହେବ । ଅହିରାଜ କହୁଛି, "କିଏ ଅଛି ସେ ଦୁଷ୍ଟ ବାଘ, ମୋ ପାଖକୁ ଆଣ ।" ବିଲୁଆ ବହୁତ ଖୁସି ହେଲାଣି । ଭଲ ହେଲା, ତା'ର ବୁଦ୍ଧି ତ ଭଲ କାମ କରୁଛି । ବିଲୁଆ ତା' ପରେ ବାଘ ପାଖକୁ ଯାଇ କହୁଛି, "ହେ ମହାରାଜ, ତୁମେ ଏହି ଜଙ୍ଗଲର ରାଜା ଅଛ । ତୁମେ ଦେଖିବାକୁ ଭଲ ବି ଅଛ । ଶରୀରରେ ଲମ୍ୱା ଲମ୍ୱା ଚିହ୍ନ ଅଛି, ଆଖି ଦୁଇଟି ଯାକ ପ୍ରଖର ଅଛି, ନଖ ସବୁ ତୀକ୍ଷ୍ଣ,

**ତିକୋ ତିକୋ ଦାତ ବି ଛ । ଅନ ସବ ଜିଉ ସି ଶ୍ରେଷ୍ଠ ଛ । ତୁ ତୋ କୋଇ ଜିଉ ସି କମ ନୋ ହୋ ହେଲେ ଅହିରାଜ କେରେଛ ମ ରାଜା ହିହି ଜନ ଜନଓ୍ୱାର ଏକଦମ ରିସ୍ ହେ ଥାଣୀ ବରକା ଥାଣି କେରେଛ ଯୋ କୁଣଛୋ ରେ ଦୁଷ୍ଟ ଅହିରାଜ ଓନ ମାର୍ କନ୍ ଲାଓ ତୋ ରେ, "ମହାରାଜ" ତୁ ନଦୀ ରୋ ଓର ହେ କୋସା ରିଆ । ମ ଉ ଦୁଷ୍ଟ ଅହିରାଜନନ ବଲା ଥାଣୀ ଲଉଛୁ ତାହାଲେ ଦୋଇରୋମହିମ ଏକ ଦାମ ଝଗଡା ହେଗି । ଅହିରାଜ ଫେଂଣେଣ ଓଠା ଥାଣୀ ଚୋଟ ମାରେଲାଗ । ଯନା ଜନଓ୍ୱାର ତିକୋ ତିକୋ ନୋଖେସୀ ଅହିରାଜରୋ ଦେହେନ କୋମକ୍ ନା ଖୋ । ତାହାଲେ ଇତିରିକ ଛୋଡ ଥାଣୀ ଅହିରାଜ ମର ଗୋ**



ମୁନିଆ ଦାନ୍ତ ଅଛି ଏବଂ ସବୁ ଜୀବଙ୍କ ମଧ୍ୟରୁ ଶ୍ରେଷ୍ଠ ଅଛ । ତୁମେ ତ କୌଣସି ଜୀବଠାରୁ କମ୍ ନୁହଁ, ହେଲେ ଅହିରାଜ କହୁଛି, ମୁଁ ରାଜା ହେବି ବୋଲି, ତେବେ ବାଘ ହଠାତ୍ ରାଗିଯାଇ ଚିତ୍କାର କରି କହୁଛି କି, କିଏରେ ସେ ଦୁଷ୍ଟ ଅହିରାଜ, ତାକୁ ମୋ ପାଖକୁ ଆଣ ତ ! ମହାରାଜ, ଆପଣ ନଦୀର ଏପଟେ ରହିଥାନ୍ତୁ । ମୁଁ ସେହି ଦୁଷ୍ଟ ଅହିରାଜକୁ ଡାକି ଆଣୁଛି । ତା ପରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହେଲା । ଅହିରାଜ ଫଣା ଉଠାଇ ଚୋଟ ମାରିବାକୁ ଲାଗିଲା ତେବେ ବାଘ ତା'ର ତୀକ୍ଷ୍ଣ ନଖ ସାହାଯ୍ୟରେ ଅହିରାଜର ଦେହକୁ ରାମ୍ପୁଡ଼ି ପକାଇଲା ।

**ଅହିରାଜ ଜନ ୱ୍ୱାରେ ନ ବି ଚୋଟ ମାର ମେଲେର କର ଥାଣୀ ଜନ ୱ୍ୱାର ବି ମର ଗୋ । ଦୁଇ ଝଣା ମର ଗେ ଓ ରହ ସାଲିଆର ମନ ଖୁବ ଖୁସ ହେଗୋ ତାହାଲେ ଜନୱ୍ୱାରେ ରୋ ବୋଟି ଖାଏ ଜୁଗୁର ଖୁବ ଦନେସି ମଳିଛେ ଓର ବାଦେ ମ ସାଲିଆ ଓର ବେଟା ବେଟି ଅନ ଘରେ ୱ୍ୱାଲି ହେନେନ ବଳା ଥାଣୀ ଲାଓ ଓହ୍ନେ ରୋ ମାଈ ପିଲା ମନ ଖୁସ ହେଥାଣି ଜନ ୱ୍ୱାରେ ରୋ ବୋଟି ଖାଦେ ଅନ ସପା ମାଈପିଲା ଚାର ଝଣା ମରଗୋ ଅହିରାଜ ଯନା ଜନ ୱ୍ୱାରେନ୍ ଚୋଟ ମାର ମେଲେ ର କରନ ଜନ ୱ୍ୱାରେ ରୋ ଦେହେମ ଚାରି କୋସା ବିଷ ହେମେଳିର । ଜେର କାଣ ଚାରି ଝଣା ମର ଗେ ।**



କିଛି ସମୟ ପରେ ଅହିରାଜ ମୃତ୍ୟୁବରଣ କଲା । ଯେହେତୁ ଅହିରାଜ ମଧ ବାଘକୁ ଚୋଟ ମାରିଥିଲା । ବାଘ ମଧ୍ୟ ମୃତ୍ୟୁବରଣ କଲା । ଦୁଇଜଣଜାକ ମରିଗଲେ, ଏପଟେ ବିଲୁଆର ମନ ବହୁତ ଖୁସି ହୋଇ ଗଲା । ବହୁତ ଦିନ ପରେ ବାଘର ମାଂସ ଖାଇବାକୁ ମିଳିଛି । ତା' ପରେ ବିଲୁଆ ତା'ର ପୁଅ, ଝିଅ ଏବଂ ସ୍ତ୍ରୀକୁ ଡାକି ଆଣିଲା । ତା'ର ସପରିବାର ଖୁସିରେ ବାଘର ମାଂସ ଖାଇଲେ । ଅହିରାଜ ବାଘକୁ ଚୋଟ ମାରିଥିବାରୁ ବାଘର ଦେହ ସାରା ବିଷ ହୋଇଯାଇଥିଲା, ତେଣୁ କରି ଚାରିଜଣ ଯାକ ମୃତ୍ୟୁବରଣ କଲେ ।


# ସୋନୋ ଛାରି (ସୁନା ଝିଅ)

ଏକ ଠିଆ ଗାମେମ ରାଜେଶ ବାବୁ ନାମେରୋ ଆଦମ ର । ଓର ଘରୱାଲି ନାମ ସୁନିଲା ର ଅନେରୋ ଦିଠିଆ ଛାରି ଛାରା ର । ମୋଟି ଛାରିର ନାମର ମିତା ଅନ୍ ନାନକିଆ ଛାରାର ନାମ ରାଜୁ । ଛାରି ଜନମ ହେରୋ ଅଭିଶାପ ଛକରେନ ରାଜେଶ ବାବୁ ଭାବରେ ଓର ଏଟା ମିତାନ ଆଛା କୋନ କେତେର । ରାଜୁ ନ ଆଛା କେତେର ଓର ଏଟା ଆଛା ସ୍କୁଲ ଲେ ମ ନାମ ଲିଖାଥାଣୀ ପାଠ ପଢ଼ାରେର ରାଜେଶ ବାବୁ ମିତାନ ସ୍କୁଲ ଯାଏ ଏଟା ମନା କରଦିନୋ । ଲେକିନ ମିତା ର ଇଛାର ପାଠ ପଢ଼ା ଥାଣୀ ମୋଟୋ ମାନଖିଆ ବଣି । ସୁନିଲା ଜାତରା କଲେ ବି ରାଜେଶ ବାବୁ



ଗୋଟିଏ ଗାଁରେ ରାଜେଶ ବାବୁ ନାମରେ ଜଣେ ବ୍ୟକ୍ତି ରହୁଥିଲେ । ତାଙ୍କ ସ୍ତ୍ରୀଙ୍କ ନାମ ସୁନୀଲା ଥିଲା । ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ । ବଡ଼ ଝିଅର ନାମ ମିତା ଓ ଛୋଟ ପୁଅର ନାମ ରାଜୁ । ଝିଅ ଜନମ ହେବା ଅଭିଶାପ ବୋଲି ଭାବି ରାଜେଶ ବାବୁ ଝିଅ ମିତାକୁ ଭଲ ପାଉ ନ ଥିଲେ ଏବଂ ପୁଅ ରାଜୁକୁ ଭଲ ପାଉଥିଲେ । ସେଥିପାଇଁ ରାଜୁକୁ ଭଲ ବିଦ୍ୟାଳୟରେ ନାମ ଲେଖାଇ ଥିଲେ । ରାଜେଶ ବାବୁ ମିତାକୁ ସ୍କୁଲ ଯିବା ପାଇଁ ମନା କରିଦେଲେ । କିନ୍ତୁ ମିତା ନିଜ ଇଚ୍ଛାରେ ପାଠ ପଢ଼ି ବଡ଼ ମଣିଷ ହେଲା । ସୁନୀଲା ଯେତେ କହିଲେ ବି ରାଜେଶ ତାଙ୍କ କଥାକୁ ମାନୁ ନ ଥିଲେ ।

**ଡରଓ୍ୱାନେନ କୋନ ମାନତେ ର । ଓ କଷ୍ଟ ମହିମଅ ମିତା ଗାମେ ତିରେରୋ ହାଇସ୍କୁଲ ଏମ ପାଠ ପଢ଼ି କତରା ଶଳେର ବାଦ ରାଜେଶ ବାବୁ ର ବୟସ ଗଢ଼ି ଗଢ଼ି ଚାଲତି ର । ରାଜୁର ନାମେମ ସପା ସମ୍ପତି କରଦିହୀ ମିତାର ଦୁଃଖ ଚିଚା, ରାଜୁ ଚାକିରି କରଥାଣୀ ହିଆ ହେଗୋ ଅଣ ମିତା ବି ଚାକିରି କିଦି । ରାଜୁ ହିଆ ହେର୍ ବାଦ ଓର ବାପ ୟାଡ଼ି ନ ପୁଛୋ କୋନି । ଓନେନ ବହୁତ କଷ୍ଟ ଦିନୋ । ଓ ସମୟ ଏମ ମିତା ବାପ ୟାଡିର୍ ସେବା କିଦି । ଓନେନ ଦଃୁଖ କଷ୍ଟ ଦୂର କିଦି । ଲାହାରେଶି ରାଜେଶ ବାବୁ ନିଜେରୋ ଭୁଲ ବୁଝ ଥାଣୀ ଓ ଭାବେଛ ଲକ୍ଷ୍ମୀ ଓର ଏଟା ଛାରି ଜନମ କରେ ରୋ ଭୁଲ ନୋହୋ ।**



ବହୁତ କଷ୍ଟ ସହି ମିତା ଗାଁ ଉଚ୍ଚ ବିଦ୍ୟାଳୟରୁ ପାଠପଢ଼ା ସାରିଥିଲେ । କ୍ରମେ ରାଜେଶ ବାବୁର ବୟସ ବଢ଼ି ବଢ଼ି ଚାଲିଥାଏ । ପୁଅ ରାଜୁର ନାମରେ ସବୁ ସମ୍ପତ୍ତି କରି ଦେବି, ଝିଅ ମୀତାର ଦୁଃଖ ନାହିଁ । ରାଜୁ ଚାକିରୀ କରି ବିବାହ ହୋଇଗଲା ଓ ମିତା ମଧ୍ୟ ଚାକିରୀ କଲା । ବିବାହ ପରେ ରାଜୁ ବାପା ମା'ଙ୍କୁ ପଚାରିଲା ନାହିଁ । ବାପା, ମା'ଙ୍କୁ ରାଜୁ ବହୁତ କଷ୍ଟ ଦେଲା । ସେହି ସମୟରେ ମୀତା ବାପା ମା'ଙ୍କର ସେବା କଲା ଓ ସେମାନଙ୍କର ଦୁଃଖ କଷ୍ଟ ଦୂର କଲା । ଶେଷରେ ରାଜେଶ ବାବୁ ନିଜର ଭୂଲ୍ ବୁଝି ପାରିଲେ ଯେ ଝିଅ ହେଉଛି ଲକ୍ଷ୍ମୀ । ଝିଅ ଜନମ ଭୂଲ୍ ନୁହେଁ ।


# ଘୋଡୋ ଏନ୍ ଏଚେଓ୍ୱାଲେ (ଘୋଡ଼ା କାହାର)

ଏକ ଠିଆ ଗାମେମ ଏକ ଝଣା କାଣୋ ଆଦମି ରେ ତେର । ଓ ସପାଦନ ମାଥେମ ସାମାନ ଆପାଡ୍ ଥାଣୀ ସହରେମ ଯାରେର । ଏର ସପାନ ଆପାଡ୍ ଥାଣୀ ଲାଏ ଲେଜା ଏର ଏନ ଅସୁବିଧା ହେତିର । ଓର ଏଟା ଓ ଘୋଡା ଏକଠୋ ଲା ଥାଣୀ ଓର ପିଠେପର ଲଦ ଥାଣୀ ସାମାନ ଲେଜହୀ କର ଥାଣୀ ଭାବେଛ । ଏକ ଦିନ ହାଟେମ୍ ଯା ଥାଣୀ ଘୋଡା ଲେଥାଣୀ ଘର ଆଏଛ । ଘର ଆଏର ଓ୍ୱାଟେମ ସାଞ୍ଜ ହେଗି । ଓର ଏଟା ଓ ଏକଠୋ ଗାମେମ ରେଗୋ ଅନ ଗାଉଡ଼ି କୋଠ ମ ଘୋଡା ନ ବାନ୍ଧ ଦିନୋ । ପରଭାତି ହେର୍ ବାଦ ଏକ ଝଣା ଡୋଖରା ଗାଉଡି ଦୁଧ ଦୁହେନ ଓତ ଗୋ,




ଗୋଟିଏ ଗ୍ରାମରେ ଜଣେ କଣା ଲୋକ ରହୁଥିଲେ । ସବୁଦିନ ସେ ମୁଣ୍ଡରେ ଜିନିଷ ବୋହି ସହରକୁ ଯାଉଥିଲେ । ତା'ର ସବୁ ଜିନିଷ ବୋହି ନେବା ଆଣିବାରେ ଅସୁବିଧା ହେଉଥିଲା । ସେଥିପାଇଁ ସେ ଗୋଟିଏ ଘୋଡ଼ା ଆଣି ତା'ର ପିଠି ଉପରେ ଜିନିଷ ଲଦି ନେବା ପାଇଁ ଭାବିଲେ । ଦିନେ ହାଟକୁ ଯାଇ ଘୋଡ଼ା କିଣି ଘରକୁ ଫେରୁଥିଲେ । ଘରକୁ ପେରିବା ବାଟରେ ସଂଜ ହୋଇଗଲା । ସେଥିପାଇଁ ସେ ଅନ୍ୟ ଗୋଟିଏ  ଗ୍ରାମରେ ରହିଗଲେ ଏବଂ ଗୋଟିଏ ଗାଈ ଗୁହାଳରେ ଘୋଡ଼ାକୁ ବାନ୍ଧି ଦେଲେ । ସକାଳ ହେଲା ପରେ ଜଣେ ବୁଢ଼ା ଲୋକ କ୍ଷୀର ଦୁହିଁବା ପାଇଁ ସେଠାକୁ ଆସିଲେ,

**ଓ ଘୋଡା ନ ଦେଖ ଥାଣୀ ଖୁସି ହେଥାଣୀ ଭାବ ରେଛ, ମାର ଗାଉଡ଼ି ଘୋଡା ନ ଜଣିଛ । ବିଚରା ଧନ୍ଦ ଓ୍ୱାଲୋ କାଏ ଉପାୟ ନ ପଥାଣୀ ରାଜାନ୍ ଓତାଏଛ, ରାଜା ଧନ୍ଧା ଓ୍ୱାଲେ ର ଓ୍ୱାତେନ ସାମଲ ଥାଣୀ ଡୋଖରା ନ ପୁଛା ପୁଛି କିଦୋ । ଡୋଖରା ଗଉଡି ଘୋଡା ଜନମ କିଦିଛ । ଇ ଓ୍ୱାତ ଧନ୍ଧା ଆଲୋର ମନେମ କୋନଅଇ, ଓ ସାକ୍ଷୀ ଦେ ଏଟା ଘୋଡା ଏଚର ଆଦମିନ୍ ବାଲାଏନ ଚଲୋଗୋ ଘୋଡା ଏଚେଓ୍ୱାଲେ ଆଦମି ଆତୋ ଆତୋ ଡେରି ହେଗି । ରାଜା ରିସମୀ ହେଥାଣୀ ଦେରି ହେର ଓ୍ୱାତ ପୁଛୋ, ଓ ରାଜାନ କୋ ଆଜ ସମୁଦ୍ରେମ ଆଙ୍ଗାର ଲଗ ଗିଛ ।**



ସେହି ଘୋଡ଼ାକୁ ଦେଖି ଖୁସି ହୋଇ ସେ ଭାବୁଛି, ମୋର ଗାଇ ସେ ଘୋଡ଼ାକୁ ଜନ୍ମ କରିଛି । ବିଚରା ବ୍ୟବସାୟୀ କିଛି ଉପାୟ ନ ପାଇ ରାଜାଙ୍କୁ ଯାଇ ପଚରା ଉଚରା କଲେ । ବୁଢ଼ାର ଗାଈ, ଘୋଡ଼ା ଜନ୍ମ କରିଥିବା କଥା ରାଜାର ମନକୁ ଆସିଲା ନାହିଁ । ସାକ୍ଷୀ ଦେବା ପାଇଁ ଘୋଡ଼ା ବିକ୍ରି କରିଥିବା ଲୋକକୁ ଡାକିବାକୁ ଚାଲିଗଲା । ଘୋଡ଼ା ବିକ୍ରି କରିଥିବା ବ୍ୟକ୍ତି ଆସୁ ଆସୁ ବିଳମ୍ବ ହୋଇଗଲା । ରାଜା ରାଗିଯାଇ ବିଳମ୍ବ ହେବାର କାରଣ ପଚାରିଲେ । ସେ ସମୁଦ୍ରରେ ନିଆଁ ଲାଗିଯାଇଛି ବୋଲି ରାଜାଙ୍କୁ କହିଲେ ।

**ରାତଭର ଆଙ୍ଗାର ଓଲାଏମ ଲଗ ରେ ରା । ସର ଏଟା ଆତୋ ଆତୋ ଡେରି ହେଗି । ଓର ୱ୍ୱାତେନ ସାମଲ ଥାଣୀ ରାଜା ଅକ୍‌ଚକା ଗୋ । ଓ ଫେର କେଛ ରାଜା – ଏକଠୋ ଖାଉଡ଼ି ଅଜି ଘୋଡା ଜନମ କର ରି ଛ । ସମୁଦ୍ରେମ ଆଙ୍ଗାର ଲଙ୍କଙ୍କର କୁଣସୋ ମୋଟୋ ୱ୍ୱାତ ଛ । ଏମ ଭାବେର କାଇ ଛିଟା । ମ ପ୍ରକୃତ ତେମ୍ ଧନ୍ଧା ଆଲୋନ ଘୋଡା ଏଚମେଲେଛୁ । ଘୋଡା ଏଚୁର ୱ୍ୱାତେସିନ ରାଜା ଜାଣେ ସକେଛ ଘୋଡା ହେରିଛ ଧନ୍ଧା ଆଲୋର । ଓର ଜୁଗୁ ଘୋଡାନ ଦେଥାଣୀ ଡୋଖରା ନଅ ଉଚିତ ସଜା ଦିନୋ ।**



ରାତିସାରା ନିଆଁ ଲିଭାଇବାରେ ବ୍ୟସ୍ତ ଥିଲେ । ସେଥିପାଇଁ ଏତେ ବିଳମ୍ବ ହେଲା । ତା'ର କଥାକୁ ଶୁଣି ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ସେ ପୁଣି କହିଲେ, ହେ ରାଜା, ଗୋଟିଏ ଗାଈ ପୁଣି ଗୋଟିଏ ଘୋଡ଼ାକୁ ଜନ୍ମ କରୁଛି । ସମୁଦ୍ରରେ ନିଆଁ ଲାଗିବା କଣ ବଡ଼ କଥା ? ଏଥିରେ ଚିନ୍ତା କରିବାର କିଛି ନାହିଁ । ମୁଁ ପ୍ରକୃତରେ ଏହି ବ୍ୟବସାୟୀଙ୍କୁ ଘୋଡ଼ା ବିକ୍ରି କରିଛି । ଘୋଡ଼ା ବିକ୍ରି ହୋଇଥିବା କଥା ଓ ଘୋଡ଼ା ବ୍ୟବସାୟୀର ବୋଲି ରାଜା ଜାଣି ପାରିଲେ । ତେଣୁ କରି ଘୋଡ଼ାକୁ ବ୍ୟବସାୟୀଙ୍କୁ ପ୍ରଦାନ କରି ରାଜା ବୃଦ୍ଧ ବ୍ୟକ୍ତିଙ୍କୁ ଉଚିତ ଦଣ୍ଡ ଦେଲେ ।

# ହିସ୍‌ଗାର ଫଲ୍ (ଇର୍ଷାର ଫଳ)

**ଏକ ଠୋଗାମେ ମଅ ସୁରେଶ ବାବୁ ନାମେରୋ ଏକ ଆଦମି ରେତେ ରଅ । ଓ ରଅ ଭାରି ଗରିବ । ଲେକିନ ଓର ଘରେ ତିରେ ରୋ ଆଦମି ରଖୋବ ଧନୀ । ଓର ଏଟା ଓ ଘରେ ତିରେର ଆଦମି କୋରାହା ହେତେ ରଅ, ଏକ ଦିନ ଏକଝଣା ସନ୍ଥ ଗାମେମ ଆଏରଅ । ରାତ୍ ହେଗି ଜନ ସଛ ଆଦମି ନ ଓ ଗରିବ ରୋ ଘରୱାଲି ସନ୍ଥନ ସାହାରା ଦିନି । ସନ୍ଥ ପ୍ରଭାତୀ ଓ ଜାଗା ଛୋଡେ ଅଘାଡି ସି ଗରିବର ଘରୱାଲି କାଇ ମାଙ୍ଗେଟାଏ କୋ । ଓହନ ଦୋଇ ଝଣା ଚାହେ ହାମ ଜାତରା ଧନ ସମ୍ପତି ଚାହାରେ ଛା ଓ ତରା ହେନଦ କରେନ ଘରୱାଲି ଅଗ ଗରିବ ଆଦମି ସନ୍ଥ ନ ଜଣାଏଛେ ।**



ଗୋଟିଏ ଗ୍ରାମରେ ସୁରେଶ ବାବୁ ନାମରେ ଜଣେ ବ୍ୟକ୍ତି ରହୁଥିଲେ । ସେ ବହୁତ ଗରିବ ଥିଲେ । କିନ୍ତୁ ତା' ଘର ପାଖରେ ଥିବା ଜଣେ ବ୍ୟକ୍ତି ବେଶୀ ଧନୀ ଥିଲା । ସେଥିପାଇଁ ସେ ତା ଘର ପାଖର ବ୍ୟକ୍ତି ସହ କପଟ କରୁଥିଲା । ଦିନେ ଜଣେ ସନ୍ଥ ବ୍ୟକ୍ତି ସେହି ଗ୍ରାମକୁ ଆସିଲେ ସନ୍ଧ୍ୟା ହୋଇ ଯିବାରୁ ସେହି ଗରିବ ଲୋକର ସ୍ତ୍ରୀ ସନ୍ଥଙ୍କୁ ଆଶ୍ରୟ ଦେଲା । ସେହି ସନ୍ଥ ସକାଳେ ଗ୍ରାମ ଛାଡ଼ିବା ପୂର୍ବରୁ ସେହି ଗରିବର ସ୍ତ୍ରୀକୁ କିଛି ମାଗିବା ପାଇଁ କହିଲେ । ସେହି ସ୍ୱାମୀ ସ୍ତ୍ରୀ ଦୁଇଜଣ କହିଲେ ଆମେ ଯେତେ ଧନ ସମ୍ପତ୍ତି ଚାହୁଁଛୁ ସେତେ ହେଉ ବୋଲି ସନ୍ଥଙ୍କୁ ଜଣାଇଲେ ।

**ଓ ସୋହୀ ଦିଅ କର ଥାଣୀ କେହେ ଥାଣୀ ସନ୍ଥ ଚଲୋଗୋ କୁଛ ଦନେର ବାଦ ଓହନ ଓ ଏରିଆରୋ ସପାସୀ ମୋଟୋ ଧନୀ ଆଦମି ହେଗେ । ଓର ଏଟା ହେନ ଖୁସିମ ରେ, ଲେକିନ ପଛ ଓନେର ଦୁଃଖ ଏରୋ ଟାଇମ ଆଗି । କୁକନ ଅତ୍ରା ଧନ ସମ୍ପତି ନ କୁକନ ରଖାଡିହା କରେନ ଚିନ୍ତା କିଦେ । ଓନେର ଛାରି ବ୍ଚିଚାର ହେନ ଗର୍ବୀ, ଅହଙ୍କାରୀ, ହେଗେ । ଓହନ ଓଲଟୋ ୱାଟେମ ଚାଲେନ ଲଗଗେ, ଛାରି ଛିଚାର ହେନେର ୱାତେନ ଚିନ୍ତା କର ଥାଣୀ ଦୁଃଖ ଏମ ଜନ୍ କଟେନ ଲଗଗେ । କତରା ଦନେର ବାଦ ଓ ସନ୍ଥ ଅଜି ଓ ଗାମେମ ଆଓ ।ଘରୱାଲେ ଧନ ଘରୱାଲି ଦୋଇ ସନ୍ଥ ଢ଼ଇ ଯଥାଣୀ ଓନେର ସପା ଦୁଃଖ ୱାତେନ ବାତାଦିନେ ।**



ସେହି ସବୁ ହୋଇଯିବ ବୋଲି କହି ସନ୍ଥ ଚାଲିଗଲେ କିଛି ଦିନ ପରେ ସେମାନେ ସେହି ଅଂଚଳର ସବୁଠାରୁ ବଡ଼ ଧନୀ ହୋଇଗଲେ ସେଥିପାଇଁ ସେମାନେ ଖୁସି ହେଲେ କିନ୍ତୁ ପଛରେ ସେମାନଙ୍କର ଦୁଃଖର ସମୟ ଆସିଲା । କିପରି ଏତେ ଧନସମ୍ପତ୍ତି ରଖିବୁ ବୋଲି ଚିନ୍ତା କଲେ । ସେମାନଙ୍କର ପୁଅ ଝିଅ ଗର୍ବୀ ଓ ଅହଂକାରୀ ହୋଇଗଲେ । ସେମାନେ ବିପରୀତ ବାଟରେ ଚାଲିବାକୁ ଲାଗିଲେ । ପୁଅ ଝିଅର କଥା ଶୁଣି ଚିନ୍ତାକରି ସେମାନଙ୍କର ଦୁଃଖରେ ଦିନ କାଟିବାକୁ ଲାଗିଲା ।

**ସନ୍ଥ ଓନେର ଓ୍ୱାତେନ ସାମଲ ଥାଣୀ ବାବୁରେ ତମାର ଦୁଃଖ କାଇ ନୋହୋ ଓର କାରଣ ତମାର ଗର୍ବ ତମ ତମାର ପରିସ୍ଥିତି ମ କୋନ ରେ ଥାଣୀ ଘରେ ତିରେର ଆଦମିନ କୋରାହା ଦେଖେ । ଓର ଏଟା ସପା ସିନ ମୋଟୋ ଧନୀ ହେଥାଣୀ ଦୁଃଖ ଏମ ଦନ୍ କଟରେଛୋ । ଓର ଏଟା ତମାର ମନେସିନ କୋରାହା ଭାବେନ ଦୂର କଇଦୋ । ସପାନ ୟାନ କୋ ଦେଖିହୋ ଦୁନିଆ ତମେନ ସୁନ୍ଦର ଲାଗିହ ଅନତମ ବିଶାନ୍ତି ମ ଜି ସକିହୋ । ବଚନ ଦେରେଛୁ – ଆପଣ କୋଇ ଆଦମି ପର ଈର୍ଷା କରିହା କୋନି । ସପାନ ୟାନ କିହୋ ।**



ଅନେକ ଦିନ ପରେ ସେହି ସନ୍ଥ ପୁଣି ସେହି ଗ୍ରାମକୁ ଆସିଲେ । ସ୍ୱାମୀ ସ୍ତ୍ରୀ ଦୁହେଁ ସନ୍ଥ ପାଖକୁ ଯାଇ ତାଙ୍କର ଦୁଃଖର କଥା ଜଣାଇଲେ । ସନ୍ଥ ସେମାନଙ୍କର କଥାକୁ ଶୁଣି କହିଲେ ବାବୁରେ ତୁମ୍ଭର ଦୁଃଖ କିଛି ନୁହେଁ । କାରଣ ତୁମେ ଗର୍ବରେ ଓ ଇର୍ଷାରେ ଥାଇ ତୁମ ଘର ପାଖର ବ୍ୟକ୍ତିକୁ କପଟ କରୁଥିଲ । ସେଥିପାଇଁ ସବୁଠାରୁ ବେଶୀ ଧନୀ ହୋଇ ଦୁଃଖରେ ଦିନ କାଟୁଅଛ । ସେଥିପାଇଁ ତୁମ ମନରୁ କପଟ ଓ ଇର୍ଷାଭାବ ଦୂର କରିଦିଅ । ସମସ୍ତଙ୍କୁ ଭଲକରି ଦେଖିବ, ସଂସାର ତୁମକୁ ସୁନ୍ଦର ଲାଗିବ, ତୁମେ ଶାନ୍ତିରେ ବଂଚି ପାରିବ ।

# ସାତ୍ ଭାଇ (ସାତ ଭାଇ)

**ଏକ ଠିଆ ଗାଁ ମେ ସାତ ଭାଇ ହନ ବତିୟା ରେତେର । ଭାଇ ହନ ସବ ଦନ ଦଶ ବାଜେରୋ ଇସ୍କୁଲ ଜାଥାଣୀ ଚାର ବଜେ ରେ ଆୱ୍ଛ ଓହନ ଇସ୍କୁଲ ଯାଏ ରୋ ୱାଟେ ପର ଫୁଲେ ୱାଲି ଘରେରୋ ପୁତଳି ଦେଖେ ଜୁଗୁର ସବ ଦନ ଜାତେର କତରା ଦନ ଯାଏରୋ ପଛ ଇଶକୁଲରୋ ଗୁରୁଜୀ ୱ୍ଛେରୋ ବା ଅନ ୟାନ କୋ ଯେ ତମାରେ ସାତ ଠିଆ ବେଟା କାଜୁଗୁରୁ ଇସ୍କୁଲ କୋନ ଆତେ ଛ । ଉ ସବ ୱାତେନ ଜାର ଗୋ ଅନ ପୁତଳି ୱାଲି ରୋ ଘର ଜା ଥାଣୀ ଯୋଗ ମେଲେ ର ସାତ ଝଣା ଛାରା ହନ ଘରେ ସି ନିକଲ ଥାଣୀ ଇସ୍କୁଲ ଯାଏରୋ ୱାଟେ ପର ପୁତଳି ୱାଲି ଘରେ ଉଡ଼ି ଯାଏରୋ ଉଣ ବାପ । ସାତି ଝଣା ଛାରା ହେନେନ ଧର ଥାଣୀ ଘାର ଲିଆଓ ।**



ଗୋଟିଏ ଗ୍ରାମରେ ସାତ ଭାଇ ଭଲ ଭାବରେ ରହୁଥିଲେ । ଭାଇମାନେ ସମସ୍ତେ ୧୦ ଘଣ୍ଟା ସମୟରେ ସ୍କୁଲକୁ ଯାଆନ୍ତି ଏବଂ ୪ ଘଣ୍ଟା ସମୟରେ ଫେରନ୍ତି । ସେମାନେ ସ୍କୁଲ ଯିବା ବାଟରେ ମାଲି ଘରକୁ ଯାଇ କଣ୍ଢେଇ ବା ପୁତୁଳି ଦେଖନ୍ତି । କେତେ ଦିନ ଗଲା ପରେ ସ୍କୁଲର ଶିକ୍ଷକ ସେମାନଙ୍କର ବାପା ଓ ମାଆଙ୍କୁ କହିଲେ, ତୁମର ସାତ ଜଣ ପୁଅ କାହିଁକି ସ୍କୁଲ ପଢ଼ି ଆସୁ ନାହାନ୍ତି । ବାପା ସବୁ କଥା ଜାଣି ମାଲିର (କଣ୍ଢେଇ ବାଲି)ର ଘରକୁ ଯାଇ ଜଗିବସିଥିଲେ । ସାତ ଜଣ ପୁଅ ଘରୁ ବାହାରି ସ୍କୁଲ ଯିବା ବାଟରେ ମାଲି (କଣ୍ଢେଇବାଲି) ଘର ଆଡ଼କୁ ଗଲେ । ବାପା ଦେଖିଲେ ଓ ସାତଜଣ ପୁଅକୁ ଘରକୁ ଆଣି ପକାଇଲେ । ସେମାନଙ୍କୁ ଦୁଧଭାତ ଓ ଗରମ ଭାତ ଖାଇବାକୁ ଦେଲେ

ଅନେନ ଦୁଧ୍ ଭାତୁ ଅନ ତାତୋ ଭାତୁ ଦିନେ । ଅହନ ଉପର ଉପର ଖାଲିଦେ ଓର ପଛ ହେଟ ହାତେନ ଘାଲେଛ । ଅନେରୋ ହାତେମ ତାତୋ ଭାତୁ ଲଗଗି ଜନା ଓହନ ଦରଡତେ ଦରଡତେ ଚୋହୋଲା ମଧସଗେ । ଚୋହୋଲା ମହିମ ଯଥାଣୀ ହାତେନ ବୁଡା ମେଲେର । ଅତରୀ ଉଶା ସାତ ଠିଆ ଘୋଡୋ ଆଥାଣି ହୁବ ରେଗେ ଓହନ ଧୁନ କାଣ ଧର ଥାଣୀ ଘୋଡୋ ମ ବେଠେ କତରା ଧୁର ଯାଏର ୱାଟେ ପର ଏକ ଝଣା ଅଶୁର ଏନେନ ଖାଏ ଜୁଗୁର ଭାବୋ ଯେ ମ ଗୋରଳା ହେଥାଣୀ ଯୋଗ ମେଳେଛୁ ଭାଇ ହାନ କାତରା ଦନେ ରୋ ଉକେମ ହେରେଛ । ଓହନ ଗୋର ଲା ଣ ଦେଖେ ଅନ ଇ ଗୋର ଲା ଣ ଖାହା କାରଥାଣୀ କେ ଓର ପଛ ଗୋର ଲା ନ ମାର ମୁରା ଥାଣୀ କଟା ପିଟା କର ଥାଣୀ ।



ସେମାନେ ଉପରେ ଉପରେ ଥିବା ଦୁଧ ଥଣ୍ଡା ଭାତ ଖାଇଦେଲେ ତଳେ ଗରମ ଭାତ ଥିଲା । ସେମାନଙ୍କର ହାତ ଗରମ ଲାଗିବାରୁ ସେମାନେ ଦୌଡ଼ି ଦୌଡ଼ି ଯାଇ ଗୋଟିଏ ଗାଡ଼ିଆ ଭିତରକୁ ପଶିଗଲେ ଏବଂ ଗାଡ଼ିଆ ଭିତରେ ହାତକୁ ବୁଡ଼ାଇ ରଖିଲେ । ସେତେବେଳେ ସେଠାରେ ସାତଗୋଟି ଘୋଡ଼ା ଆସି ଠିଆ ହୋଇଗଲେ । ସାତ ଭାଇ ଧନୁଶର ଧରି ଘୋଡ଼ା ଉପରକୁ ବସି କେତେ ଦୂର ବାଟ ଚାଲିଗଲେ । ବାଟରେ ଜଣେ ଅସୁର ଏମାନଙ୍କୁ ଖାଇବାକୁ ଭାବିଲା ଓ ଛଦ୍ମବେଶୀ ମେଣ୍ଢାରୂପ ନେଇ ଜଗି ବସିଲା । ଭାଇମାନେ କେତେ ଦିନରୁ ଭୋକରେ ହେଉଥିଲେ । ସେମାନେ ମେଣ୍ଢାକୁ ଦେଖି ମେଣ୍ଢା ମାଂସ ଖାଇବାକୁ ମନ ବଳାଇଲେ ଏବଂ ମେଣ୍ଢାକୁ ମାରି ମାଂସ କରି ପକାଇଲେ । ତା’ ପରେ ବଡ଼ଭାଇ କହିଲେ କେହି ନିଆଁ ଆଣିଛ କି ?

ମୋଟୋ ଦଦା କୋ ଯେ କୁଣ ଆଙ୍ଗାର ଲାଏଛୋ କାଇ ? ଜନା ସବ ଝଣା କେ ଯେ ହାମ କୋଇ କୋନ ଲାଏଛା । ଅଙ୍ଗାର ଜନା କାଇ କରିହା । ଓର ପଛ ଓନେରୋ ନାନକିଆ ଭାଇନ ଆଙ୍ଗା ରେ ଜୁଗୁର ମେଲେଛ । ଉ ଯୋକୋ ଆଙ୍ଗାର ଧର ଥାଣୀ ଲାଓ । ଜନ ଛ ଝଣା ଭାଇନ ଅଶୁର ଖା ଦିନେଛ । ଜନ ନାନ କିଆ ଭାଇ ଘୋଡା ବେଠନ ଢ଼ାଟୋଗୋ । ଜନା ଓର ଲାହର ବୋଟିହନ ଦାହତେ ଆରେଛ ଉ ଧୁନ କାଣ ମ ଧରନ ଏକ ଠିଆ ବୋଟିନ ମାରେଛ । ଜନ ଏକ ଝଣ ଦଦା ନିକଲ ଗୋ ଜନ ହନୁ ଜ ସପାନ ବିନ ତୋଗୋଜନ ଛ ଝଣା ଦଦାହନ ନିକଲେ ଜନ ସବ ଭେଟ ହେଥାଣୀ ଘର ଆଗେ ।




ସବୁ ଭାଇ କହିଲେ ଆମ୍ଭେ କେହି ଆଣି ନାହୁଁ । ସେମାନେ କହିଲେ ନିଆଁ କରିବୁ କଣ ତା ପରେ ତାଙ୍କର ଛୋଟ ଭାଇକୁ ନିଆଁ ଆଣିବାକୁ ପଠାଇଲେ । ସେ ଯାଇ ନିଆଁ ଆଣିଲା ବେଳକୁ ଛଅଜଣ ଭାଇକୁ ଅଶୁର ଖାଇ ଦେଇଛି । ଏହା ଦେଖି ଛୋଟ ଭାଇ ଘୋଡ଼ାରେ ବସି ପଳାଇଲା । ସାନ ଭାଇ ପଛକୁ ଅନାଇଲା ବେଳକୁ ଦେଖିଲା ଯେ ମେଣ୍ଢା ମାଂସମାନେ ଘୋଡ଼ା ପଛରେ ଗୋଡ଼ାଉଛନ୍ତି । ଏହା ଦେଖି ସାନ ଭାଇ ଧନୁଶର ସାହାର୍ଯ୍ୟରେ ଗୋଟିଏ ମାଂସକୁ ମାରିଲା ସେହି ମାଂସରୁ ତା'ର ବଡ଼ଭାଇ ବାହାରିଲା । ସେହି ପରି ମାଂସମାନଙ୍କୁ ଶର ମାରିବାରୁ ତାର ଛଅଜଣ ଭାଇ ଭେଟ ହୋଇ ଘରକୁ ଫେରି ଆସିଲେ ।

ପିଲାଙ୍କ କଥା

# ରାଜୁ ହେଗୋ ସୋନୋଛାରା (ରାଜୁ ହେଲା ସୁନାପିଲା)

**ରାଜୁ ନାମେରୋ ଏକ ଠିଆ ଛାରା ରଅ ଓ ବହୁତ ଅପରିଷ୍କାର ରେତେ ରଅ ଜାତେନ ଘାସତେ କୋନ ରଅ । ଓର ଏଟା ଓର ସାତେମଅ କୋଇ ସାତ କୋନ ହେତେ ରଅ । ମନ ଦୁଖ କରଥାନି ଓ ଏକ ଦନ ଚିରଇ କି ତୁ ଅପରିଷ୍କାରଛି । ତାର ସାତେମ କୋନ ରମୁ ମାର ପଖୋଡ଼ା ସବ ଅପରିଷ୍କାର ହେଜାହା । ମ ତାର ସାତେମ କୋନ ର ମୁ । ରାଜୁ ମନ ଦୁଖ କରଥାଣି ବାଟେମ ଜାତୋ ଜାତୋ ବିଲେଇ ଦିଦି ନ ଦେଖୁ । ବିଲେଇ ଦିଦି ବିଲେଇ ଦିଦି ମ ତାର ସାଥେମ ରମହି ବିଲେଇ ଦିଦି କି ଏ ତୁ କସୋ ଗନ୍ଦା ହେରେଛି ତାର ସାତେମ ର ମେଲେ ମାର ଦିହା ଗନ୍ଦା ହେଜାହା ତୁ ଯେ ଆଜି କେରିକ ସାତେମ ରମିସ୍ । ରାଜୁ ଓ ତେସୀ ମନ ଦୁଖ ଏମ ନନ୍ଦି ତିରେମା ଜାଥାଣୀ ରୋଏଲାଗ୍ ।**



ଗୋଟିଏ ପିଲାର ନାମ ରାଜୁ ଥିଲା । ସେ ସବୁବେଳେ ଅପରିଷ୍କାର ରହି ଶରୀରର ଯତ୍ନ ନେଉ ନ ଥିଲା । ସେଥିପାଇଁ ତା ସାଥିରେ କେହି ପିଲା ସାଙ୍ଗ ହେଉ ନ ଥିଲେ । ଦିନେ ମନ ଦୁଃଖ କରି ପକ୍ଷୀଟିଏ କହିଲା । ତୁ ଅପରିଷ୍କାର ଅଛୁ । ତୁମ ସାଥିରେ ମୁଁ ଖେଳିବି ନାହିଁ କାରଣ ମୋର ପରଗୁଡ଼ିକ ଅପରିଷ୍କାର ହୋଇଯିବ । ରାଜୁ ମନ ଦୁଃଖ କରି ବାଟେ ଯାଉ ଯାଉ ବିଲେଇ ନାନୀକୁ ଦେଖିଲା । ରାଜୁ କହିଲା “ବିଲେଇ ନାନୀ”, ବିଲେଇ ନାନୀ ମୁଁ ତୋ ସାଙ୍ଗରେ ଖେଳିବି । ବିଲେଇ ନାନୀ କହିଲା ତୁମେ ଅପରିଷ୍କାର ଅଛ ତୁମ ସାଙ୍ଗରେ ଖେଳିଲେ ମୋର ଦେହ ଅପରିଷ୍କାର ହୋଇଯିବ । ଯାଅ ତୁମେ ଅନ୍ୟ କାହାରି ସାଙ୍ଗରେ ଖେଳିବ । ରାଜୁ ସେଠାରୁ ମନ ଦୁଃଖ କରି ନଦୀ ପାଖକୁ ଯାଇ କାନ୍ଦିଲା । ତା’ ପରେ ଦେଖିଲା ଏକ ଦଳେ ଘୁଷୁରିମାନେ କାଦୁଅରେ ସର ସର ହୋଇ ସେହି ବାଟରେ ଯାଉଥିଲେ

ଏକ ହୁଦା ଘୁଷରି କିଚେମ ଲୁଟ ପୁଟୁ ହେଥାଣୀ ଓ୍ୱଚେମ୍ ଜାରେର । ରାଜୁ ଘରମ୍ ଏକଠିଆ ଘୁଷରି ଆଥାଣି ପୁଛିଛ । ତୁ କାଜୁଗୁ ରୋରେଛି, ରାଜୁ ଡରେମ୍ ରୋତୋ ରୋତେ କେଛ । କୋଇ ମାରସାତେମ କୋନ ରମାକଛ । ଘୁଷୁରି କେରିଛ ମଅ କିଚେମ୍ ଲୁଟୁ ପୁଟୁ ହେରିଛୁ କାରଥାଣି ମାର ସାତେମ ବି କୋଇ କୋନ ରମତେ ଛଅ । ଆଜେସି ତୁମାର ମୋଟୋ ଭିଆ ଆ ସାତ ହେଥାଣୀ ରମିହା, ରାଜୁ ନ ଖୁବ ଲାଜ ଲଗେଲାଗ୍, ଘୁଷରି ହନେ ସାତ କୋନହା, ନିଜେ ରୋ ଭୁଲ ବୁଝାଥାଣୀ ଜା ଥାଣି ଘିଷୋ, ନାହାଦୋ ମଥୋଓ୍ୱାହୋ, ସାବୁନ ଏ ମ ହାତ ଧୋ ଥାଣୀ ଖାଦୋ । ଅ ନ କାନବି ଅପରିଷ୍କାର କୋନ ହୋ । ଏରସି ଆପଣ ର ଶିଖ ପାଏଛ ଯେ ଆପଣ କନାବି ଅପରିଷ୍କାର କୋନହା ଅନ ଘୁଷରି ର ମୋଟୋ ଭିଆ କୋନ ହା ।



ରାଜୁ ଘରକୁ ଆସି ଗୋଟିଏ ଘୁଷୁରୀ ପଚାରିଲା, ତୁମେ କାହିଁ ପାଇଁ କାନ୍ଦୁଛ ? ରାଜୁ ଡରରେ କାନ୍ଦି କାନ୍ଦି କହିଲା । କେହି ମୋ ସାଙ୍ଗରେ ଖେଳୁ ନାହାନ୍ତି । ଘୁଷୁରି କହିଲା ମୁଁ ମଧ୍ୟ କାଦୁଅରେ ସର ସର ହୋଇଛି, ତେଣୁ ମୋ ସାଙ୍ଗରେ କେହି ଖେଳୁ ନାହାନ୍ତି ଆଜିଠାରୁ ତୁମେ ମୋର ବଡ଼ ଭାଇ ହେବ, ଏକା ଯାଗାରେ ଖେଳିବା । ରାଜୁକୁ ବହୁତ ଲାଜ ଲାଗିଲା । ଘୁଷୁରିମାନଙ୍କ ସାଥିରେ ଖେଳିବା ପାଇଁ । ନିଜର ଭୂଲ୍ ବୁଝି ପାରିଲା । ଗୋଡ଼, ଦେହ, ହାତକୁ ପରିଷ୍କାର କରି ଘଷି ଘଷି ଧୋଇଲା, ଗାଧୋଇଲା, ବାଳ କୁଣ୍ଡାଇଲା ଏବଂ ସାବୁନ୍‌ରେ ହାତ ଧୋଇ ଖାଇଲା ଏବଂ ମଧ୍ୟ ପରିଷ୍କାର କଲା । ଏଥିରୁ ଆମେ ଶିକ୍ଷା ପାଇଲୁ କେବେବି ଅପରିଷ୍କାର ରହିବୁ ନାହିଁ ଓ ଘୁଷୁରୀର ବଡ଼ ଭାଇ ହେବୁ ନାହିଁ ।

# ରାଜା ଏନ ଶୁଆ (ରାଜା ଓ ଶୁଆ)

**ଏକ ଠିଆ ରାଜା ଖୋବ ମିଟୁ ନ ୟାନ କେତେରଅ । ଏକ ମିଟୁ ଚିରୋଇ ପୋଷ ମେଲେର । ମିଟୁ ସାତେମଅ ରାଜା ରୋ ଭାରି ଦୋସ୍ତି, ମିଟୁ ଅ ଶୋ ସପା କେତେରଅ । ଓର ସପାଓ୍ୱାତ ମାନ ଲେତେ ରଅ । ଏକ ଦନ ମିଟୁ ରାଜା ନ କୋ ମଅ ବାହାରଅ ହିଣ୍ଡେନ ଜହୀ ରାଜା କୋ ତୁତୋ ହିଣ୍ଡ ଥାଣୀ ଆଗେଛି । ଲେକିନ ଜରୁର ଫେର ଥାଣୀ ଆଜାଇସ । ମିଟୁ ହିଣ୍ଡେନ ନିକଲୋ ଓ୍ୱାଟେମ ଆତୋ ଆତୋ ୟା, ବାଆ, ଭାଇ, ଭେନ ହେନେନ୍ ଭେଟଗୋ । ମିଟୁ ନ ଦେଖ ଥାଣୀ ଅସୋ ଖୁବ ଖୁସ ହେଗୋ । ଓହନ ଓନ୍ କେ ଅଜି ତୁ ମତ ଜଇସ । ହମାର ସାତେମ ମିସ୍ ଥାଣୀ ଏକ ଭୋଜିର**



ଗୋଟିଏ ରାଜା ଥିଲେ । ସେ ଏକ ଶୁଆକୁ ପୋଷିଥିଲେ ଓ ବହୁତ ଭଲ ପାଉଥିଲେ । ଶୁଆ ରାଜାର ସାଙ୍ଗ, ସେ ସବୁ କଥା ରାଜାଙ୍କୁ କହୁଥିଲା । ଦିନେ ଶୁଆ ରାଜାକୁ କହିଲା ମୁଁ ବାହାରକୁ ବୁଲିବାକୁ ଯିବି । ରାଜା କହିଲେ ତୁମେ ତ ବୁଲିବାକୁ ଯାଉଛ କିନ୍ତୁ ଫେରି ଆସିବ । ଶୁଆ ବୁଲିବାକୁ ବାହାରିଲା, ବାଟରେ ଯାଉ ଯାଉ ତା'ର ମାଆ, ବାପା, ଭାଇ, ଭଉଣୀ ମାନଙ୍କୁ ଭେଟିଲା । ସେମାନଙ୍କୁ ଦେଖି ଶୁଆ ବହୁତ ଖୁସି ହୋଇ ଗଲା । ସେମାନେ କହିଲେ ଶୁଆକୁ ଆଜି ତୁ ଯିବୁ ନାହିଁ । ଆମ ସାଥିରେ ରହି ଭୋଜିର ଆୟୋଜନ କରିବା କିନ୍ତୁ ଶୁଆ ସେମାନଙ୍କୁ କହିଲା,

ଆୟୋଜନ କିଦେ ଲେକିନ ମିଟୁ ଓନେନ କେରେଛ ମଅ ରାଜା ରୋ ଆଦେଶ ଏମ ଆମେଲେଛୁ । ଓର ଏଟା ଓର ଆଦେଶ ବୀନା ରେ ହେ କୋନ ସକୁ । ଇ ଓ୍ୱାତେନ ସାମଲ ଥାଣୀ ମିଟୁ ର ବାଆ ଓନ ସେଓ ଫଳ ଏକଠିଆ ଦେଥାଣୀ କେଛ ଠିକ ଛ ଜଇସ ତୋ ଜଇସ ରାଜା ଏଟା ଫଳଏନ ଲେ ଥାଣି ଜଇସ । ଅନ ରାଜା ଇ ଫଳେନ ଖାଏଲେ ସପା ଦନ ବଢ଼ିଆ ରିସ । ମିଟୁ ଫଳେନ ଲେଜାଥାଣୀ ରାଜାନ ଦିନୋ ରାଜା ଫଳେନ ଖା ଥାଣୀ ଓର ମନ ବାଦଲଗି ଓ ସାତେ ସାତେମ୍ ମିଟୁ ନ ପିଞ୍ଜରା ସି ସପାଦନେ କାଣ ଛୋଡ ଦିନୋ । ମିଟୁ ଓଡ୍‌ତୋ ଚାଲୋଗୋ ଅନ ଓର ୟା ବାଆ ର ସାଥେମା ସପାଦାନେ କାଣ



ମୁଁ ରାଜାର ଆଦେଶରେ ଆସିଅଛି । ସେଥିପାଇଁ ରାଜାର ଆଦେଶ ବିନା ରହି ପାରିବି ନାହିଁ । ଏହି କଥା ଶୁଣି ଶୁଆର ବାପା ଗୋଟିଏ ସେଓ ଫଳ ଦେଇ କହିଲେ ତୁମେ ଗଲେ ପଛେ ଯିବ ଏହି ଫଳକୁ ରାଜାକୁ ଦେଇ ଦେବ । ରାଜା ଏହି ଫଳ ଖାଇଲେ ତୁମେ ଭଲ ରହିବ । ଶୁଆ ଫଳକୁ ନେଇ ରାଜାକୁ ଦେଇ ଦେଲା । ରାଜା ଫଳକୁ ଖାଇ ତା'ର ମନ ବଦଳି ଗଲା । ରାଜା ସାଙ୍ଗେ ସାଙ୍ଗେ ଶୁଆ ରହୁଥିବା ପିଞ୍ଜରାରୁ ସବୁଦିନ ପାଇଁ ଶୁଆକୁ ଛାଡ଼ିଦେଲେ । ଶୁଆ ଉଡ଼ି ଉଡ଼ି ଚାଲିଗଲା ଓ ସବୁଦିନ ପାଇଁ ତାର ମାଆ ବାପା ସାଙ୍ଗରେ ରହିଲା ।

ପିଲାଙ୍କ କଥା

# ଶଶିଆ ଦିନୋ ଶିକ୍ (ଠେକୁଆ ପାନେ ଦେଲା)


ରିଡ଼ୋ ଅନ ୱ୍ୱାହାଗ ଦୋଇ ସାଥି । ଏକଦନ ହେନ ହିଣ୍ଡେ ଉଣା ଦେଖେତେ, ଏକ ଠିଆ କାଜମୋ ଧୀରେ ଧୀରେ ଚାଲରେଛା କାଜମୋ ନ ଦେଖଥାଣୀ ଓନେରୋ ମୁଣ୍ଡୋ ମହିସି ଲାଲ ନିକଲ ଗି । କୁକନ କର ଥାଣୀ କାଜ ମୋନେ ମାର ଥାଣୀ ଖାହା । ତୁରନ୍ତ ୱ୍ୱାହାଗ ଢ଼ାଇକୋଲା ଗାମେ ମ ଦଉଡ୍ ଥାଣୀ ଯାଏନ ଏକଠକ ବୋରା ଲିଆଓ । ଅନ କାଜମୋ ନେ ବୋରା ମ ଭାର ଥାଣୀ ଘର ଲିଆଓ । ରୋଡେ ତିରେମ ଏକ ଠିଆ ଶଶିଆ ଏହାନ କଶୋ କରରେ ଜନ ଦେଖରେ ର ।



ଭାଲୁ ଏବଂ ବାଘ ସାଙ୍ଗ ଥିଲେ । ଦିନେ ସେମାନେ ବୁଲୁଥିବା ସମୟରେ ଦେଖିଲେ ଗୋଟିଏ କଇଁଛ ଧିରେ ଧିରେ ଚାଲୁଅଛି । କଇଁଛକୁ ଦେଖି ସେମାନଙ୍କ ପାଟିରୁ ଲାଳ ବାହାରିବାକୁ ପଡ଼ିଲା । କଇଁଛକୁ କିପରି ଖାଇବେ ସେମାନେ ବିଚାର କଲେ । ବାଘ ପାଖ ଗ୍ରାମରୁ ଯାଇ ଅଖା ଗୋଟିଏ ମାଗି ଆଣିଲା । ସେହି କଇଁଛକୁ ଅଖାରେ ଭର୍ତି କରି ଘରକୁ ଆଣିଲା । ସେହି ସମୟରେ ସଡ଼କ ରାସ୍ତା ପାଖରେ ଠେକୁଆ ଠିଆ ହୋଇ ଏମାନେ କିପରି କରୁଛନ୍ତି ତାହା ଦେଖୁଥିଲା ।

ପିଲାଙ୍କ କଥା

**ଓ ଏକ ଠିଆ ଜିଓ ରୋ ଜିୱାନ ଏନ ଉଚାଡେଏଟା ଓ ୱାହାଗେ ରୋ ଲାହର୍ ଲାହର୍ ଗୋ ।ଘରେମା ପାହୁଚ ଥାଣୀ ୱାହାଗ ଓର ସାଥି ରିଢ଼ୋ ନ କେରେଛ । ଆଜ ମାର ହାତେସି କାଜମୋ ନଅ କୋଇ କୋନ ଓଚାଡେସକ । ୱାହାଗ ଲାହର ଝାକନ୍ ଦେଖୋ ତୋ ଶଶିଆ ଲାହର ହୁବେଛ । ୱାହଗ ଶଶିଆନ୍ ଚମକାଏ ଜୁଗୁବେଠୋ ଅତୁ ଉଶା କାଜମୋ ବୋରାସି ବିକଲନ୍ ତାଟ୍‌ପଢ଼ୋ । ୱାହଗ ଫଂରନ ଦେଖଛ ତୋ ବୋରା ମହି କଜମୋ ଛି ଛା । ଶଶିଆ କାଜମୋର ଜିଏନ୍ ୱଚାଡ । ଦିନ । ଅନ୍ ୱାହାଗେନ ଶିକ୍ଷା ଦେ ଦିନୋ ।**



ଠେକୁଆ ଗୋଟିଏ ଜୀବର ଜୀବନ ବଂଚାଇବା ପାଇଁ ବାଘ ପଛେ ପଛେ ଚାଲିଲା । ବାଘ ଘରେ ପହଞ୍ଚି ଭାଲୁକୁ କହୁଛି ଆଜି ମୋର ହାତରୁ କଇଁଛକୁ କେହି ବଂଚାଇ ପାରିବେ ନାହିଁ । ବାଘ ପଛକୁ ଅନାଇଲା ବେଳକୁ ଗୋଟିଏ ଠେକୁଆ ଛିଡ଼ା ହୋଇଛି । ବାଘ ଠେକୁଆକୁ ଡରାଇବାକୁ ଚେଷ୍ଟା କଲା । ଠିକ୍ ସେତିକିବେଳେ କଇଁଛ ଅଖା ଭିତରୁ ବାହାରି ପଳାଇଲା । ବାଘ ଫେରି ଦେଖେ ତ ଅଖା ଭିତରେ କଇଁଛ ନାହିଁ । ଠେକୁଆ  କଇଁଛର ଜୀବନ ରକ୍ଷା କଲା । ଆଉ ବାଘକୁ ଉଚିତ୍ ଶିକ୍ଷା ଦେଲା ।

ପିଲାଙ୍କ କଥା

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର